## ସଂକ୍ଷେପରେ

### ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର

ଢେଙ୍କାନାଳ,୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଶିଶୁମନ୍ଦିର ପରିସରରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାଜପାର ସେବା ସପ୍ତାହ ପାଳନ ଅବସରରେ ଜିଲା ଯୁବମୋର୍ଚ୍ଚା ସଭାପତି ଏମ୍.ଜେ. ମହିମାଙ୍କ ନେତୃତ୍ୱରେ ଏହି ଶିବିର ଆୟୋଜିତ ହୋଇଥିଲା। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୮୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଢେଙ୍କାନାଳ ରକ୍ତ ଭଣ୍ଡାର ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ରୋହିତ କୁମାର ଦାସ ଏବଂ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। କପିଳାସ ମଣ୍ଡଳ ସଭାପତି ଶତ୍ରୁଘ୍ନ ରାଉତ, ଗଁଦିଆ ମଣ୍ଡଳ ସଭାପତି ଲଳିତ ଦାସ, ମହିମା ମଣ୍ଡଳ ସଭାପତି ପ୍ରତ୍ୟୁଷ ହରି ପ୍ରଧାନ, ନିହଲପ୍ରସାଦ ମଣ୍ଡଳ ସଭାପତି ପ୍ରଦୀପ ଦାସ, ଜିଲା ସଭାନେତ୍ରୀ ମମତା ସ୍ୱାଇଁ, ଜିଲା ଉପସଭାପତି ବିଷ୍ଣୁ ପ୍ରସାଦ ଲେଙ୍କା ଓ ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇ ଶିବିର ପରିଚାଳନା କରିଥିଲେ।

# ମନକୁ ସତେଜ ରଖି ଶତାୟୁ ହୁଅନ୍ତୁ

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

ଢେଙ୍କାନାଳ,୧।୧୦(ରତନ ନାୟାର)


ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଅତିଥିମାନେ ଜଣେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଢେଙ୍କାନାଳରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୁରୁଣା ଜିଲା ପରିଷଦ ହଲଠାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଲେ ଯେ, ବରିଷ୍ଠ ନାଗରିକମାନେ ନିଜ ମନକୁ ସତେଜ ରଖିବା ସହିତ ଶରୀରକୁ ନିରୋଗ ରଖି ଶତାୟୁ ହୁଅନ୍ତୁ। ନିଜର ଅନୁଭୂତିକୁ ପାଥେୟ କରି ସମାଜକୁ ଦୀଗଦର୍ଶନ ଦିଅନ୍ତୁ। ଉତ୍ସବରେ ଯୋଗଦେଇ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଲେ, ବରିଷ୍ଠ ନାଗରିକମାନେ ସମାଜର ମୁଳଦୁଆ। ସେମାନେ ନିଜକୁ ନିଜେ ଅବହେଳିତ ବୋଲି ଭାବନ୍ତୁ ନାହିଁ। ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ, ବରିଷ୍ଠ ନାଗରିକ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ଭୂମିକା ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ବରିଷ୍ଠ ନାଗରିକମାନଙ୍କୁ ପେନସନ୍ ସମ୍ପର୍କିତ କାଗଜପତ୍ର ପ୍ରଦାନ କରାଯାଇଥିଲା। ଢେଙ୍କାନାଳରେ ବରିଷ୍ଠ ନାଗରିକମାନଙ୍କ ମନୋରଞ୍ଜନ ପାଇଁ ଏକ ସରକାରୀ ଘର ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଥିଲେ। ଜିଲାରେ ୯ଟି ବୃଦ୍ଧାଶ୍ରମ କାର୍ଯ୍ୟ କରୁଛି ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ ସୂଚନା ଦେଇଥିଲେ। ସେହିପରି ବରିଷ୍ଠଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ହେଲଥକେୟାର ଟ୍ରେନିଂ ବ୍ୟବସ୍ଥା କରାଯିବ। ଏହି ଅବସରରେ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ମଧ୍ୟାହ୍ନରେ ନାଟକ ଜେଜେ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମକୁ ଅବନୀ ମିଶ୍ର ସଂଯୋଜନା କରିଥିଲେ। ବରିଷ୍ଠ ନାଗରିକ ବିଶ୍ୱନାଥ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସମେତ ଜିଲାର ସମସ୍ତ ବ୍ଲକର ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଏହି ଦିବସ ଅବସରରେ ସକାଳେ ସ୍ଥାନୀୟ ଲେଖକ ସଂସଦ ଭବନଠାରେ ଶତାଧିକ ବରିଷ୍ଠ ନାଗରିକ ଯୋଗାଭ୍ୟାସ କରିଥିଲେ। ପରେ ପଦଯାତ୍ରାରେ ବାହାରି ପୁରୁଣା ଜିଲା ପରିଷଦ ହଲଠାରେ ପହଞ୍ଚିଥିଲେ। ଏହି ପଦଯାତ୍ରାରେ ଛାତ୍ରୀଛାତ୍ରମାନେ ମଧ ଯୋଗ ଦେଇଥିଲେ।

# ଷ୍ଟେଶନରୁ ୭ ଦିନର ଅଳିଆ ଉଠିଲା

ଢେଙ୍କାନାଳ,୧।୧୦(ରତନ ନାୟାର)

ଢେଙ୍କାନାଳ ରେଳ ଷ୍ଟେଶନରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ରବିବାର ଏକ ସପ୍ତାହର ଅଳିଆ ସଫା କରାଯାଇଛି। ଗତ ୨୪ ତାରିଖରେ ପୁରୀରୁ ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ ଢେଙ୍କାନାଳ ଦେଇ ପ୍ରଥମକରି ଚାଲିବା ଅବସରରେ ଢେଙ୍କାନାଳରେ ଟ୍ରେନ୍‌କୁ ସ୍ୱାଗତ କରିବା ପାଇଁ ବହୁ ସଂଖ୍ୟାରେ ଜନ ସମାଗମ ହୋଇଥିଲା। ଏହ କାର୍ଯ୍ୟକ୍ରମ ପରେ ଅଇଁଠା ଖଲି ଓ ଅନ୍ୟାନ୍ୟ ଅଳିଆ ଆବର୍ଜନା ଷ୍ଟେଶନ ପରିସରରୁ ଏକ ସପ୍ତାହ ଧରି ଉଠି ନ ଥିଲା। ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ରବିବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ପାଳନ ହେଉଥିବାବେଳେ ଭାଜପାର ଜିଲା ସାଧାରଣ ସମ୍ପାଦକ ପୂର୍ବତନ ନଗରପାଳ ସୁନୀଲ ଶର୍ମାଙ୍କ ନେତୃତ୍ୱରେ ସ୍ଥାନୀୟ ୨୧ନଂ ୱାର୍ଡ କାଉନସିଲର ମମତା ସାହୁଙ୍କ ସମେତ ଗଦାଧର ସାହୁ, ଦଳୀୟ କର୍ମକର୍ତ୍ତା ଓ ପୌରସଂସ୍ଥାର ସଫେଇ କର୍ମଚାରୀଙ୍କ ସହିତ ଅଞ୍ଚଳବାସୀ ଝାଡୁଧରି ଏହାକୁ ସଫା କରିଥିଲେ।



ଢେଙ୍କାନାଳ ରେଳ ଷ୍ଟେଶନରେ ସଫେଇ କାର୍ଯ୍ୟକ୍ରମ।

# ପ୍ରମୋଶନ ତ୍ୱରାନ୍ୱିତ କରିବାକୁ ଦାବି

ଢେଙ୍କାନାଳ,୧।୧୦(ରତନ ନାୟାର)

ରାଜ୍ୟ ମୂଳନିଯୁକ୍ତ ପ୍ରାଥମିକ ବି.ଏଡ୍. ମହାସଂଘ ଆହ୍ୱାନରେ ଢେଙ୍କାନାଳ ଜିଲାର ସମସ୍ତ ବ୍ଲକ୍‌ରୁ ବି.ଏଡ୍. ଯୋଗ୍ୟତାଧାରୀ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ବଳରାମ ମନ୍ଦିର ପରିସରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଲିମେଣ୍ଟାରୀ ନିର୍ଦ୍ଦେଶକଙ୍କ ୧୪।୯।୨୦୨୩ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରମୋଶନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଶିକ୍ଷା ଅଧିକାରୀ ସସ୍ମିତା ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାର ଅନେକ ଶିକ୍ଷକ କାଟେଗୋରି–୧ରେ ନିଯୁକ୍ତି ପାଇ ଚାକିରିକାଳ ମଧ୍ୟରେ ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ହାସଲ କରିବା, ନିୟମିତ ଦରମା ନେବା ସହ କାଟେଗୋରି –୨ରେ ପ୍ରମୋସନ ନେଇଛନ୍ତି। ଏହା କିପରି ସମ୍ଭବ ହୋଇଛି ବୋଲି ଶିକ୍ଷକମାନେ କ୍ଷୋଭର ସହ କହିବା ସହିତ ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲା ସଂଯୋଜକ ଦେବାଶିଷ ପଟ୍ଟନାୟକ, ଜ୍ଞାନରଞ୍ଜନ ପତି, ବାବୁଲି ଚରଣ ସାହୁ, ପ୍ରସନ୍ନ କୁମାର ମଲ୍ଲିକ, ସନ୍ତୋଷ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ଜୟଶ୍ରୀ ଭୋଳ, ମନୋଜ କୁମାର ଶତପଥୀ, କାଳିନ୍ଦୀ ଚରଣ ଦେବତା, ପ୍ରୀତିବାଳା ପଟ୍ଟନାୟକ, ଅଶୋକ କୁମାର ବାରିକ, ଅନିତା ସ୍ୱାଇଁ, ରଶ୍ମିତା ଚିନ୍ନାରା, ନରୋତ୍ତମ ପୋଥାଳ, ପୁଷ୍ପାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ବିଏଡ୍ ଯୋଗ୍ୟତାଧାରୀ ଶିକ୍ଷକମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଜିଲାସ୍ତରୀୟ ଆୟୁଷ୍ମାନ ଭବ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଢେଙ୍କାନାଳ,୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲାସ୍ତରୀୟ ଆୟୁଷ୍ମାନ ଭବ ସ୍ୱଚ୍ଛତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସହରସ୍ଥିତ ଟାଉନହଲ ପରିସରରୁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ଟାଟାଷ୍ଟିଲ ସହଯୋଗରେ ଏକ ଶୋଭାଯାତ୍ରା ବାହାରି ରଥଗଡା ପର୍ଯ୍ୟନ୍ତ ଯାଇଥିଲା। ଆୟୁଷ୍ମାନ ଭବ କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିସହିତ ଡିସେମ୍ବର ୩୧ ଯାଏ ପ୍ରତ୍ୟେକ ସୋମବାର ଆୟୁଷ୍ମାନ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହେବ। ଆୟୁଷ୍ମାନ ସ୍ୱାସ୍ଥ୍ୟ ମେଳାରେ ଅଣ ସଂକ୍ରାମକ ରୋଗ, ଟିବି, ମ୍ୟାଲେରିଆ, ଡେଙ୍ଗୁ, ଫାଇଲେରିଆ, କୁଷ୍ଠ, ହେପାଟାଇଟିସ୍, ଏଡ୍‌ସ, ଗର୍ଭବତୀ ମହିଳା, ୫ବର୍ଷରୁ କମ୍ ବୟସର ଶିଶୁ, ରକ୍ତହୀନତା ରୋଗୀ, ଚକ୍ଷୁ ସମ୍ବନ୍ଧୀୟ ଚିକିତ୍ସା ଓ ପରାମର୍ଶ ଦିଆଯିବ। ଏହି ଆୟୁଷ୍ମାନ ଭବ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲା କୋଷାଧ୍ୟକ୍ଷ ପରିଚାଳକ ଗଗନ ବିହାରୀ ସାହୁ, ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ଡାଟା ପରିଚାଳକ ଜିତେନ୍ଦ୍ର ସାହୁ, ସହ ପରିଚାଳକ ସମରେନ୍ଦ୍ର ଶତପଥୀ, ଜିଲା କାର୍ଯ୍ୟକ୍ରମ ସଂଯୋଜକ ସୋନାଲି ମହାପାତ୍ର, ହସ୍ପିଟାଲ ପରିଚାଳକ ଦେବବ୍ରତ ସାହୁ, ସିଦ୍ଧାର୍ଥ ସାହୁ, ଆଶା ଓ ଗାଁ କଲ୍ୟାଣ ସଂଯୋଜକ ଅକ୍ଷୟ କୁମାର ରଣା ଏବଂ ଟାଟାଷ୍ଟିଲ ପକ୍ଷରୁ ଜିତେନ୍ଦ୍ର ନନ୍ଦ, ସୌଭାଗ୍ୟ ରଞ୍ଜନ ଦାସ, ସ୍ୱାସ୍ଥ୍ୟ ବିଭାଗ ଓ ଟାଟାଷ୍ଟିଲର ଅନ୍ୟ କର୍ମଚାରୀ ଯୋଗ ଦେଇଥିଲେ।



ଜିଲାସ୍ତରୀୟ ଆୟୁଷ୍ମାନ ଭବ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଅତିଥିମାନେ।

# ପରିବେଶ ସ୍ୱଚ୍ଛ ରଖିବାକୁ କରାଗଲା ସଚେତନ



ଭାଜପା ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ।

ଢେଙ୍କାନାଳ,୧।୧୦(ରତନ ନାୟାର)

ଢେଙ୍କାନାଳ ଭାଜପା ନଗର ମଣ୍ଡଳ ତରଫରୁ ରବିବାର ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ନେତୃବୃନ୍ଦ, କାର୍ଯ୍ୟକର୍ତ୍ତାମାନେ ହାତରେ ଝାଡୁ ଧରି ସ୍ଥାନୀୟ ବଳରାମ ମନ୍ଦିର ଠାରୁ ସରସ୍ୱତୀ ଶିଶୁ ମନ୍ଦିର ପର୍ଯ୍ୟନ୍ତ ସଫେଇ କରିଥିଲେ। ଏଥିସହିତ ପରିବେଶ ସ୍ୱଚ୍ଛ ରଖିବା ପାଇଁ ଜନସାଧାରଣଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ପାତ୍ର, ଜିଲା ମିଡିଆସେଲ୍ ପ୍ରଭାରୀ ନବକିଶୋର ଗୁରୁ, ଜିଲା ଉପସଭାପତି ମାତୃପ୍ରସାଦ ନନ୍ଦ, ସନାତନ ବେହେରା, ବିସ୍ତାରକ ଅମୃତ ସ୍ୱାଇଁ, ରାଜ୍ୟ ଯୁବମୋର୍ଚ୍ଚାର ସତ୍ୟରଞ୍ଜନ ଭୂୟାଁ, ନଗର ମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁ, ପୂର୍ବତନ ସଭାପତି ନିରୋଦ ସାହୁ, ଯୁବମୋର୍ଚ୍ଚା ଜିଲା ସଭାପତି ମହାଦୀପ ଯଶୋବନ୍ତ ମହିମା, କାଉନ୍‌ସିଲର ପ୍ରତାପ ନାଏକ, ବଳରାମ ସେଠୀ, ଜିଲା ସମ୍ପାଦକ ବିଭୁତି ଭୂଷଣ ଷଣ୍ଢ, ସୁଚିତ୍ର ବେହେରା, ମଧୁସ୍ମିତା ପୁହାଣ, ରୁଦ୍ରନାରାୟଣ ତ୍ରିପାଠୀ, ଦୀପକ ପଟ୍ଟନାୟକ, ଦେବାଶିଷ ପାଣି, ମାନସ ରଞ୍ଜନ ହୋତା, ମୁନା ଦୋରା, ସନ୍ତୋଷ କୁମାର ବେହେରା, ନାଗାର୍ଜୁନ ପାତ୍ର, ରାଜେନ୍ଦ୍ର ଦାଶ, ଗୋପାଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସେବା କାର୍ଯ୍ୟରେ ନିୟୋଜିତ ହୁଅ

ଢେଙ୍କାନାଳ,୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ବଣସିଂହ ଆଞ୍ଚଳିକ ଡିଗ୍ରୀ କଲେଜ ପରିସରରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗଗନ ବିହାରୀ ସ୍ୱାଇଁ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରମାନଙ୍କୁ ସେବା କାର୍ଯ୍ୟରେ ନିୟୋଜିତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ କଲେଜ ପରିସର ସଫେଇ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଇଂଲିଶ୍ ଅଧ୍ୟାପକ ସତ୍ୟ ଶଙ୍କର ଦାସ ପରିଚାଳନା କରିଥିଲେ। ଓଡ଼ିଆ ଅଧ୍ୟାପକ ଡ. ନିରାକାର ଆଚାର୍ଯ୍ୟ, ରାଜନୀତି ବିଜ୍ଞାନ ଅଧ୍ୟାପକ ଦେବେନ୍ଦ୍ର ନାଥ ମିଶ୍ର, ଡ. ବଟକୃଷ୍ଣ ଦାସ, ବରିଷ୍ଠ କିରାଣି ରମେଶ ଚନ୍ଦ୍ର ବାରିକ, ପିଇଟି ଅଶ୍ୱିନୀ କୁମାର ଶତପଥୀ, ଗ୍ରନ୍ଥାଗାରିକ ରଜତ କୁମାର ହୋତା ପ୍ରମୁଖ ସହଯୋଗ କରିଥିଲେ।

# ଆଦିବାସୀଙ୍କ ସମସ୍ୟା ନେଇ ଦାବିପତ୍ର

ଢେଙ୍କାନାଳ,୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଅଧୀନ ପର୍ଜଙ୍ଗ, କଙ୍କଡାହାଡ ଓ ଗଁଦିଆ ବ୍ଲକ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ମାନେ କୁପ୍ରଥା, ଗୁଣିଗାରେଡି, ଅନ୍ଧବିଶ୍ୱାସ, ନିଶା, ହିଂସା ଯୋଗୁ ଜରିମାନା, ସାମାଜିକ ବାସନ୍ଦ ଓ ଏକଘରିକିଆ ରହିବା ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ କାମାକ୍ଷାନଗର ସମେତ ବିଭିନ୍ନ ଥାନାରେ ଅଭିଯୋଗ କଲେ ମଧ ଏହାର ସମାଧାନ ନିମନ୍ତେ ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଏହି ସମସ୍ୟାର ସମାଧାନର ନିମନ୍ତେ ଜିଲା ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବିଶ୍ୱମାନବ ଅଧିକାର ସୁରକ୍ଷା ସଙ୍ଗଠନ ଅନୁସୂଚିତ ଜନଜାତି ସଭାପତି ସୁନାରାମ ମାରାଣ୍ଡି, ଆଶା ଜିଲା ସଭାପତି ଦଶରଥ ହାଁସଦା, ଉଦୟ ମୁର୍ମୁ, ରୁପାଇ ମୁର୍ମୁ, କୁଆଁର ଟୁଡୁ, ବିଜୟ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀଙ୍କ ସହିତ ଆଲୋଚନା କରି ଏହିସବୁ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।


ଆଦିବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରାଯାଉଛି।

# ମନ୍ଦିର, ବିଦ୍ୟାଳୟ ପରିସର ସଫେଇ

କାମାକ୍ଷାନଗର,୧।୧୦
(ଅମଜାଦ୍ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଲିଗୋରଡ ଗ୍ରାମର ଯୁବଅନୁଷ୍ଠାନ ମୂଷା ମଲ୍ଲିକ ୟୁଥ୍ କ୍ଲବ ପକ୍ଷରୁ ରବିବାର 'ସ୍ୱଚ୍ଛତା ହିଁ ସେବା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଡିଓ ଅଭିନବ ପାଣ୍ଡିଆ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ ଯୋଗ ଦେଇଥିଲେ। ୟୁଥ୍ କ୍ଲବ ସଭାପତି ଧର୍ମାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ସମ୍ପାଦକ ଶୁଭେନ୍ଦୁ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ଆଲୋକ ଖୁଣ୍ଟିଆ, ସଭ୍ୟ ଅଜୟ ସ୍ୱାଇଁ, ଭୀମସେନ ଖୁଣ୍ଟିଆ, ନବଘନ ସ୍ୱାଇଁ, ସୂର୍ଯ୍ୟକାନ୍ତ ଲେଙ୍କା, ସୂରଜିତ ମଲ୍ଲିକ, ବିଦେଶୀ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଗ୍ରାମ ରାସ୍ତା କଲ୍ୟାଣ ମଣ୍ଡପ, ମନ୍ଦିର ଓ ବିଦ୍ୟାଳୟ ପରିସରକୁ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।



ଯୁବ ଅନୁଷ୍ଠାନ ମୂଷା ମଲ୍ଲିକ ୟୁଥ୍ କ୍ଲବର କର୍ମକର୍ତ୍ତାମାନେ।

# ପପୁଲାର କ୍ଲବକୁ ହରାଇଲା ତାମିଲନାଡୁ ପୋଲିସ

- ଢେଙ୍କାନାଳରେ ସର୍ବଭାରତୀୟ ଫୁଟ୍‌ବଲ
- ପ୍ରଥମକରି ଚିୟର୍ସଗର୍ଲ ମନ ଜିଣିଲେ

ଢେଙ୍କାନାଳ,୧।୧୦(ରତନ ନାୟାର)


ଉଦ୍‌ଘାଟନୀ ମ୍ୟାଚର ଖେଳାଳିମାନେ ଅତିଥିଙ୍କ ଗହଣରେ।

ଢେଙ୍କାନାଳରେ ରବିବାରଠାରୁ ଆରମ୍ଭ ହୋଇଛି ଫୁଟବଲ ଫିଭର। ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ଏବଂ ସ୍ୱର୍ଗତ ଅଧିକାରୀ ସାମଲ ମେମୋରିଆଲ ଟ୍ରଷ୍ଟର ମିଳିତ ସହଯୋଗରେ ସ୍ଥାନୀୟ ଷ୍ଟାଡିୟମଠାରେ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା। ରବିବାର ଅପରାହ୍ନ ୩ଟାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ଗଙ୍ଗାଧର ସାମଲ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ଅବସରରେ ଜିଲା କ୍ରୀଡ଼ା ସଂଘ ସଭାପତି ଜିଲାପାଳ ସରୋଜ କୁମାର ସେଠୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଯୁବରାଜ ଅମରଜ୍ୟୋତି ସିଂହଦେଓ ଓ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଉଦଘାଟନୀ ମ୍ୟାଚରେ ତାମିଲନାଡୁ ପୋଲିସ ୨–୧ ଗୋଲରେ ପପୁଲାର କ୍ଲବ ଢେଙ୍କାନାଳ ଦଳକୁ ପରାସ୍ତ କରିଥିଲା। ଆଶୀର୍ବାଦ କାନୁନଗୋ, ଅନିଲ କୁମାର ନନ୍ଦ, ଶଶୀକାନ୍ତ ଦାସିଆ ଓ ଦେବରାଜ ସ୍ୱାଇଁ ଏହି ଖେଳ ପରିଚାଳନା କରିଥିଲେ। ଚଳିତବର୍ଷ ପ୍ରଥମକରି ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାରେ ଚିୟର୍ସଗାର୍ଲମାନେ ଷ୍ଟାଡିୟମ ପରିସରରେ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ। ପୋଲିସ ବ୍ୟାଣ୍ଡ ଦଳ ମଧ୍ୟରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଖେଳାଳିମାନେ ମଧ୍ୟ ଭାଗ ନେଇଥିଲେ। ସମଗ୍ର ଷ୍ଟାଡିୟମ ଉତ୍ସବ ମୁଖର ହୋଇଉଠିଥିଲା। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ସୌଭାଗ୍ୟ ସାହୁ, ପ୍ରେମାନନ୍ଦ ବିହାରୀ, ଅଜୟ ପଟ୍ଟନାୟକ, ଅଭିଜିତ ମିଶ୍ର, ସରୋଜ କୁମାର ପାଢୀ, ଗିରିଜାକାନ୍ତ ମହାନ୍ତି, ସୁଶାନ୍ତ ଜେନା, ବିଭୁତି ଭୂଷଣ ପଟ୍ଟନାୟକ, ସାରଙ୍ଗଧର ମିଶ୍ର, ପ୍ରକାଶ କୁମାର ପତି, ସରୋଜ ମହାନ୍ତି, ସୁନୀଲ କୁମାର ପଣ୍ଡାଙ୍କ ସମେତ ସଂଘର ସଦସ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ସୋମବାର ସନରାଇଜ୍ କ୍ଲବ କଟକ ଓ ସେରସା ସିକେପି ପଶ୍ଚିମବଙ୍ଗ ମଧ୍ୟରେ ମ୍ୟାଚ ଖେଳାଯିବ।



ମ୍ୟାଚ ପୂର୍ବରୁ ମନୋରଞ୍ଜନ କରୁଛନ୍ତି ଚିୟର୍ସଗର୍ଲ।

**ବାଇକ ଜବତ, ଜଣେ ଗିରଫ**

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ଥାନା ବାମୁର ଅଞ୍ଚଳରେ ଶନିବାର ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ କିଶୋରନଗର ପୋଲିସ ଦୋହଲି ଗ୍ରାମର ସନ୍ତୋଷ ସାହୁଙ୍କୁ ଗିରଫ କରିବାସହ ତାଙ୍କ ବାଇକ ଜବତ କରିଛି। ଏ ନେଇ ନମ୍ବର ୨୧୨/୨୩ ରେ ଏକ ମାମଲା ରୁଜୁ ହୋଇଥିବା କିଶୋରନଗର ଆଇଆଇସି ସଂଗୀତା ମହାପାତ୍ର କହିଛନ୍ତି।

## ଟିକେଟ୍ ବୁକିଂ କେନ୍ଦ୍ର ଉଦ୍‌ଘାଟିତ

ଅନୁଗୋଳ,୧।୧୦(ଅମିତ କୁମାର ସାମଲ)

ଅନୁଗୋଳର ନୂତନ ବସ୍‌ଷ୍ଟାଣ୍ଡଠାରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ପକ୍ଷରୁ ଏକ କମ୍ପ୍ୟୁଟରୀକୃତ ଟିକେଟ୍ ବୁକିଂ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଅନୁଗୋଳ ଏମ୍‌ଭିଆଇ ବିଭୂରଞ୍ଜନ ନାୟକ ଉଦ୍‌ଘାଟନ କରିଥିଲେ। ଓଏସ୍‌ଆର୍‌ଟିସି ଦ୍ୱାରା ଅନୁଗୋଳରୁ ଜୟପୁର, ଦାମନଯୋଡ଼ି, ଫୁଲବାଣୀ, ରାଉରକେଲା, ବଲାଙ୍ଗୀର ଆଦି ସ୍ଥାନକୁ ବସ୍ ଚଳାଚଳ ହେଉଥିବାରୁ ନୂତନ ବସ୍‌ଷ୍ଟାଣ୍ଡଠାରେ ଏହି ନୂତନ ଟିକେଟ ବୁକିଂ ସେଣ୍ଟର ଅନୁଗୋଳ ବାସିନ୍ଦାଙ୍କୁ ଅଧିକ ସୁବିଧା ପ୍ରଦାନ କରିବ। ତେଣୁ ଅନୁଗୋଳ ବାସିନ୍ଦା ଏହାର ସୁଯୋଗ ନିଅନ୍ତୁ ବୋଲି ଏହି ଅବସରରେ ଏମ୍‌ଭିଆଇ ନାୟକ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ କେନ୍ଦ୍ର ଓ ଓଏସ୍‌ଆର୍‌ଟିସିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



## ୯ରୁ ତାଳଚେର ଟ୍ରକ୍ ମାଲିକ ସଂଘର ଆନ୍ଦୋଳନ

### ଭଡ଼ା ବୃଦ୍ଧି ସହ ଲୋଡିଂ ବ୍ୟବସ୍ଥାରେ ସୁଧାର ଦାବି

ତାଳଚେର, ୧।୧୦ (ମନୋଜ ନନ୍ଦ)

ତାଳଚେରରୁ ଟ୍ରକ୍ ଯୋଗେ ରାଜ୍ୟର ବିଭିନ୍ନ ଅଞ୍ଚଳକୁ କୋଇଲା ପରିବହନ ହେଉଥିବା ବେଳେ ଟ୍ରକ୍ ମାଲିକମାନେ ପର୍ଯ୍ୟାପ୍ତ ଲୋଡିଂ ଓ ଉଚିତ ଭଡ଼ା ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷିରେ ରବିବାର ତାଳଚେର ଟ୍ରକ୍ ମାଲିକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଭଡ଼ା ଓ ଲୋଡିଂ ବ୍ୟବସ୍ଥାରେ ସୁଧାର ଆଣିବା ଦାବିରେ ଆଗାମୀ ୯ ତାରିଖ ରାତ୍ରିରୁ ଆନ୍ଦୋଳନ ଡାକରା ଦିଆଯିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଟ୍ରକ୍ ମାଲିକ ସଂଘ ସଭାପତି ଅରବିନ୍ଦ ଭୂତିଆ ଅଧ୍ୟକ୍ଷତା କରିଥିଲେ।

ତାଳଚେର ଟ୍ରକ୍ ମାଲିକମାନେ କିପରି ଅଧିକ ପରିମାଣରେ କୋଇଲା ଲୋଡିଂ ଓ ଉଚିତ ଭଡା ପାଇବେ ସେ ନେଇ ବୈଠକରେ ମୁଖ୍ୟତଃ ଆଲୋଚନା କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ୨୦୧୯ ମସିହାରେ ପ୍ରଶାସନ ଟ୍ରକ୍ ମାଲିକ ସଂଘ ଓ ପରିବହନକାରୀ ସଂସ୍ଥା ମଧ୍ୟରେ ଦର ବାବଦରେ ମିଳିତ ବୈଠକ କରି ଉଚିତ ଭଡା ଧାର୍ଯ୍ୟ କରିଥିଲା। ହେଲେ ତାହାକୁ ପରିବହନକାରୀ ସଂସ୍ଥାମାନେ ପାଳନ କରୁନାହାନ୍ତି। ତେଣୁ ୧୦ବର୍ଷ ତଳର ଧାର୍ଯ୍ୟ ଦର ଆଜି ପର୍ଯ୍ୟନ୍ତ ଚାଲିଆସୁଅଛି। ତୈଳଦର ବୃଦ୍ଧି, ଟ୍ରକ୍ ଟାୟାର ଠାରୁ ଆନୁସଙ୍ଗିକ ଯନ୍ତ୍ରାଂଶ ଆଦିର ଅହେତୁକ ଦର ବଢ଼ିବା ସହ ସରକାରଙ୍କ ଟ୍ୟାକ୍ସ ଓ ଅନ୍ୟାନ୍ୟ କାଗଜପତ୍ରର ନବୀକରଣ ବାବଦରେ ଖର୍ଚ୍ଚ ପରିମାଣ ବହୁ ପରିମାଣରେ ବଢ଼ିଯାଇଛି। ତେଣୁ ଗାଡ଼ି ଚଳାଇ ଚାଳକଙ୍କୁ ଦରମା ଦେବା କଷ୍ଟକର ହୋଇପଡ଼ୁଛି। ଏପରିସ୍ଥଳେ ଟ୍ରକ୍ ମାଲିକ ଋଣ କିସ୍ତି ପଇଠ କରିବା ପାଇଁ ଗଚ୍ଛିତ ସମ୍ପତ୍ତି ଓ ସୁନାଗହଣା ବନ୍ଧକ ଦେବା ପରି ପରିସ୍ଥିତି ଉପୁଜୁଛି। ସେହିପରି ସରକାରଙ୍କ ନିୟମ ଅନୁସାରେ ଫାଷ୍ଟ କମ୍ ଫାଷ୍ଟ ସର୍ଭିସ ନିୟମ ଯୋଗୁ ତାଳଚେରର ପ୍ରକୃତ ଟ୍ରକ୍ ମାଲିକ ଉପକୃତ ହୋଇପାରୁ ନାହାନ୍ତି। କାରଣ ବାହାର ଅଞ୍ଚଳର କେତେଜଣ ଲୋକ କୌଶଳକ୍ରମେ ତାଳଚେର ପରିବହନ କାର୍ଯ୍ୟାଳୟରେ ଗାଡ଼ିକୁ ପଞ୍ଜୀକୃତ କରାଇ କୋଇଲା ପରିବହନ କ୍ଷେତ୍ରରେ ସେହି ଗାଡ଼ିକୁ ନିୟୋଜିତ କରୁଥିବାରୁ ତାଳଚେର ଅଞ୍ଚଳର ଟ୍ରକ୍ ମାଲିକ ଆବଶ୍ୟକତା ଅନୁଯାୟୀ ଲୋଡିଂ ପାଇପାରୁ ନାହାନ୍ତି। ଅନ୍ୟପକ୍ଷରେ କୋଇଲା ଉତ୍ପାଦନର ୪୦% ପରିବହନ ଟ୍ରକ୍ ଯୋଗେ ହେବାର ନିୟମ ରହିଥିଲେ ମଧ୍ୟ ଖଣି କର୍ତ୍ତୃପକ୍ଷ ଏହାକୁ ପାଳନ କରୁନାହାନ୍ତି। ଫଳରେ ଗାଡି ମାଲିକଙ୍କୁ ଲୋଡିଂ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତୁରନ୍ତ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଟ୍ରକ୍ ମାଲିକ ସଂଘ ସଭାପତି ଭୂତିଆ ଓ କାର୍ଯ୍ୟକାରୀ ସଭାପତି ଟୁକୁନା ସ୍ୱାଇଁ, ସାଧାରଣ ସମ୍ପାଦକ ରତନ ଶତପଥୀ, ଉପସଭାପତି ମନୋଜ ରାଏ, କଣିହାଁ ଟ୍ରକ୍ ମାଲିକ ସଂଘ ସଭାପତି ଶାଶ୍ୱତ ପ୍ରଧାନ, ଗ୍ରାମାଞ୍ଚଳ ଟ୍ରକ୍ ମାଲିକ ସଂଘ ସଭାପତି ବିଜୟ କୁମାର ସାହୁ, ଆଞ୍ଚଳିକ ସଂଘ ସଭାପତି ଜିତେନ୍ଦ୍ର ଭୂତିଆ, ସମସ୍ତ ସେକ୍ଟର ଇନ୍‌ଚାର୍ଜ ପ୍ରମୁଖ ଦାବି କରିଛନ୍ତି।



ବୈଠକରେ ତାଳଚେର ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାମାନେ।

## ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ବଇଣ୍ଡା,୧।୧୦(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଘନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈରାଗୀଚରଣ ପ୍ରଧାନ ଓ ପୀତାବଳି ଗୁରୁଡ଼ା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରଞ୍ଜନ କୁମାର ପ୍ରଧାନଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଏକ ସଭା ଆୟୋଜିତ ହୋଇଥିଲା। କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାକର ବିଶ୍ୱାଳ ଯୋଗଦେଇ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।



ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

## ବାବା ବିଦ୍ୟାଧରଙ୍କ ମହାପ୍ରୟାଣରେ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଅନୁଗୋଳ,୧।୧୦(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଅଙ୍ଗାରବନ୍ଧର ଅଲେଖ ମହିମା ଆଶ୍ରମର ବାବା ବିଦ୍ୟାଧର ଦାସଙ୍କ ମହାପ୍ରୟାଣ ଖବର ମିଳିବା ପରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ବାବା ବିଦ୍ୟାଧର ଦାସ (ମଲ୍ଲିକ ବାବା)ଙ୍କ ବିୟୋଗ ଖବର ଶୁଣି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ବାବା ଦାସ ଭକ୍ତଙ୍କ ଭାବାବେଗ ଓ ସମାଜ କଲ୍ୟାଣ ପାଇଁ ନିଜକୁ ସମର୍ପିତ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାର ଦିଗରେ ତାଙ୍କର ଅବଦାନ ଅତୁଳନୀୟ। ବାବାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି।

## ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଅନୁଗୋଳ, ୧।୧୦ (ଅମିତ କୁମାର ସାମଲ)

ଅନୁଗୋଳ ମିଶ୍ରପଡ଼ାସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପୌରପାଳିକା ସଫେଇ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଦେବାଶିଷ ପ୍ରଧାନ, ଲାବରେଟୋରି ଟେକ୍ନିସିଆନ୍ ମନୋରଞ୍ଜନ ପଣ୍ଡା, ଲ୍ୟାବ ଆଶିଷ୍ଟାଣ୍ଟ ସତ୍ୟରଞ୍ଜନ ଚାନ୍ଦ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସଫେଇ କର୍ମଚାରୀଙ୍କ ହେପାଟାଇଟିସ୍, ମ୍ୟାଲେରିଆ, ବ୍ଲଡ ଗ୍ରୁପ୍, ଏଚ୍‌ଆଇଭି ଆଦି ପରୀକ୍ଷା କରାଯାଇଥିଲା। ପରବର୍ତ୍ତୀ ସମୟରେ ମଧ୍ୟ ଏହି ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି।




ଅନୁଗୋଳ ପୌରପାଳିକା ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ସ୍ୱଚ୍ଛତା ପାଇଁ ସମୟ ବାହାର କର



### ଟିଏସ୍‌ଟିପିଏସ୍‌ରେ ସ୍ୱଚ୍ଛତା ପକ୍ଷ ପାଳନ

କଣିହାଁ,୧।୧୦(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁସ୍ଥିତ ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେଶନ (ଟିଏସ୍‌ଟିପିଏସ)ଠାରେ ରବିବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କମ୍ପାନୀ ପ୍ରଶାସନିକ ମୁଖ୍ୟ ଶ୍ରୀନିବାସ ରାଓ ଯୋଗଦେଇ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ। ଦୈନନ୍ଦିନ ଜୀବନରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱଚ୍ଛତା ପାଇଁ ସମୟ ବାହାର କରିବା ଆବଶ୍ୟକ ବୋଲି ପରାମର୍ଶ ଦିଆଯାଇଥିଲା। ସେହିପରି ସମସ୍ତ ଅଂଶଗ୍ରହଣକାରୀଙ୍କୁ ବର୍ଜ୍ୟବସ୍ତୁର ମହତ୍ତ୍ୱ ବିଷୟରେ ଶିକ୍ଷା ଦିଆଯାଇଥିଲା। ପରେ ସଙ୍ଗମ ବଜାରରେ ଥିବା ଦୋକାନୀଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହାପରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କମ୍ପାନୀର କର୍ମଚାରୀଙ୍କ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲେ।

## ହୃତ୍‌ପିଣ୍ଡ ସୁସ୍ଥ ରଖିବା ଉପରେ ଗୁରୁତ୍ୱ

ଅନୁଗୋଳ, ୧।୧୦ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ହୃଦ୍ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣିମା ଉଦ୍‌ଗାତା ଅଧ୍ୟକ୍ଷତା କରି କହିଲେ ଯେ, ଉଚ୍ଚ ରକ୍ତଚାପ, ଡାଇବେଟିସ, ଧୂମପାନ, ମଦ୍ୟପାନ, ମାତ୍ରାଧିକ କୋଲେଷ୍ଟରୋଲ ଓ ଅନିୟମିତ ଜୀବନଶୈଳୀ ହୃଦ୍ ଜନିତ ରୋଗର ମୂଳ କାରଣ। ଏହି କାର୍ଯ୍ୟକ୍ରମରେ ଡା. ବିନୋଦ ସାହୁ ଯୋଗଦେଇ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ପାଇଁ ନିୟମିତ ରକ୍ତଚାପ ଓ ମଧୁମେହ ପରୀକ୍ଷା, ଧୂମପାନ ଓ ମଦ୍ୟପାନରୁ ନିବୃତ୍ତ ରହିବା, ନିୟମିତ ଯୋଗ, ବ୍ୟାୟାମ ଓ ଶାରୀରିକ ପରିଶ୍ରମ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, ପାରା ମେଡିକାଲ ଷ୍ଟାଫ, ନର୍ସିଂ ଛାତ୍ରୀଯୋଗ ଦେଇଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ।

## ଫପଣ୍ଡ ଫୁଟବଲ କପ୍ ଉଦ୍‌ଘାଟିତ

ପାଲଲହଡ଼ା,୧।୧୦(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଫପଣ୍ଡ ଗ୍ରାମରେ ଶନିବାର ଫପଣ୍ଡ ନେହେରୁ କ୍ଲବ ପକ୍ଷରୁ ଫପଣ୍ଡ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ପାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିପଶି ପଞ୍ଚାୟତ ସରପଞ୍ଚ ଧିରେଶ୍ୱରୀ ଗଡନାୟକ, ପ୍ରଧାନଶିକ୍ଷକ ଅକ୍ଷୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବର ପ୍ରଥମ ମ୍ୟାଚ୍ କାଇଁଶିରିପାଲି ଏବଂ ବୁଢାଖମନ ମଧ୍ୟରେ ଖେଳା ଯାଇଥିଲା। ଆସନ୍ତା ୨ ତାରିଖ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ଓ ମୟୂରଭଞ୍ଜ ମହିଳା ଫୁଟବଲ ଦଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ। ହରିନାରାୟଣ ଗଡନାୟକ, ଜୁଲେନ ପ୍ରଧାନ, ଦିଲ୍ଲୀପ ଗଡନାୟକ, ସୁନୀଲ ନାୟକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଫପଣ୍ଡ ନେହେରୁ କ୍ଲବ ପକ୍ଷରୁ ଫପଣ୍ଡ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

## କଳାପାଟଙ୍କ ବାର୍ଷିକ ଯାତ୍ରା

ବଅଁରପାଳ,୧।୧୦(ଉପେନ୍ଦ୍ର ରାଉତ)

ବଅଁରପାଳ ବ୍ଲକ ଅନ୍ତର୍ଗତ କୁଲାଡ଼ ସମଲ ସାହିରେ ମା' କଳାପାଟଙ୍କ ବାର୍ଷିକ ଯାତ୍ରା ପାଳିତ ହୋଇଯାଇଛି। ସକାଳେ ଦେବୀଙ୍କୁ ସୁସଜ୍ଜିତ କରାଯାଇଥିଲା। ଅପରାହ୍ନରେ ଗ୍ରାମର ଦିଅଁ ଘରୁ ଏକ ବିରାଟ ପଟୁଆରରେ ମା'ଙ୍କ ଆଲମକୁ ପୀଠସ୍ଥଳୀକୁ ଅଣାଯିବା ପରେ ଶୋଭାଯାତ୍ରା ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଦେବୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ସନ୍ଧ୍ୟାରେ ପ୍ରାସଦସେବନ ସହ ନାମ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ରାତିରେ ବଡ଼ପୂଜା ସମ୍ପନ୍ନ କରାଯାଇଥିଲା। ପଡିଆର ବାଙ୍କନିଧି ସାମଲ, ପୂଜକ ଚେଣ୍ଡାଳ ମହାପାତ୍ର, ସଭାପତି ଗୋଲକ ସାମଲ, ବିଜୟ ସାମଲ, ଅଜୟ ସାମଲ, ସିଲୁ ସାମଲ, ବିକାଶ ସାମଲ, ଛବି ସାମଲ, ନାଲୁ ସାମଲ, ସନ୍ତୁ ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ଦେଶ ଗଠନରେ ଯୋଗଦାନ ସମ୍ପର୍କରେ ଜାଣିଲେ ଛାତ୍ରୀଛାତ୍ର



ଆଇଜିଆଇଟି ସରାଙ୍ଗ ଇଞ୍ଜିନିୟରିଂ କଲେଜଠାରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କରାଯାଉଛି।

ବଅଁରପାଳ,୧।୧୦ (ଉପେନ୍ଦ୍ର ରାଉତ)

ଅନୁଗୋଳ ଜିଲା ନାଲ୍‌କୋ ସ୍ମେଲଟର ଓ ପାୱାର ପ୍ଲାଣ୍ଟ ତରଫରୁ ଢେଙ୍କାନାଳ ଜିଲାସ୍ଥିତ ଆଇଜିଆଇଟି ସରାଙ୍ଗ ଇଞ୍ଜିନିୟରିଂ କଲେଜଠାରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଭିଜିଲାନ୍ସ ଅଧିକାରୀ (ସିଭିଓ) ସୋମନାଥ ହଂସଦା, ସମ୍ମାନିତ ଅତିଥି ଭାବେ ଏସ୍‌ଆଣ୍ଡପି କମ୍ପ୍ଲେକ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମିୟ କୁମାର ସ୍ୱାଇଁ, ଆଇଜିଆଇଟିର ଡିରେକ୍ଟର ପ୍ରଫେସର ଡ. ସତ୍ୟବ୍ରତ ମୋହନ୍ତ ଉପସ୍ଥିତ ଥିଲେ। ଦୁର୍ନୀତିକୁ ନାଁ କୁହନ୍ତୁ, ରାଷ୍ଟ୍ରପତି ପ୍ରତିବଦ୍ଧତା ରଖନ୍ତୁ। ଏହି ସେମିନାରରେ ବହୁ ଛାତ୍ରୀଛାତ୍ର, ବରିଷ୍ଠ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସମସ୍ତ ଅତିଥି ଏହି ସେମିନାରରେ ଛାତ୍ରୀଛାତ୍ରମାନଙ୍କୁ ଦେଶ ଗଠନରେ ସେମାନଙ୍କ ଯୋଗଦାନ ସମ୍ବନ୍ଧୀୟ ସଚେତନ କରାଇଥିଲେ।

## 'ପ୍ରତିଯୋଗିତା ହିଁ ସଫଳତା ଦେଇଥାଏ'

ଆଠମଲ୍ଲିକ,୧।୧୦(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ବରଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ତିଲୋତ୍ତମା ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୈବଲ୍ୟ କୁଅଁର, ବିଆର୍‌ସିସି ଛବି ନାରାୟଣ ସିଂ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଖବରଦାତା ଉଦୀପ୍ତ କୁମାର ପୁରୋହିତ ଯୋଗଦେଇ ପ୍ରତିଯୋଗିତାରେ ଭାଗନେଲେ ସଫଳତା ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ସତ୍ୟରଞ୍ଜନ ଜେନା, ଆଦିତ୍ୟ ସାହୁ, ମହେନ୍ଦ୍ର ସିଂ, ସୁବ୍ରତ ପ୍ରଧାନ, ଶିକ୍ଷୟିତ୍ରୀ ମମତା ରାଏ, ଇଳାବତୀ ପାଣ୍ଡେ, ବିଜୟଲକ୍ଷ୍ମୀ ତ୍ରିପାଠୀ, ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ବାଜି ରାଉତଙ୍କ ସ୍ମୃତିପୀଠରେ ମାଲ୍ୟାର୍ପଣ




କାର୍ଯ୍ୟକ୍ରମରେ ସାମିଲ ଥିବା ଡାକ ବିଭାଗ କର୍ମଚାରୀମାନେ।

ଭୁବନ, ୧।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଡାକ ବିଭାଗ ପକ୍ଷରୁ ଶହୀଦ ବୀର ବାଜି ରାଉତଙ୍କ ଜନ୍ମ ମାଟିରେ ଶୁକ୍ରବାର 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନ ଉପ ଡାକପାଳ ବିଭୁତି ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଶହୀଦଙ୍କ ଗ୍ରାମରୁ ମାଟି ସଂଗ୍ରହ କରାଯାଇଥିଲା। ପରେ ସମସ୍ତ ସଂକୀର୍ତ୍ତନ ମଣ୍ଡଳୀ, ଛାତ୍ରୀଛାତ୍ର ଓ ଶହୀଦଙ୍କ ପରିବାରର ସଦସ୍ୟ ଅଞ୍ଚଳ ପରିକ୍ରମା କରି ବାଜି ରାଉତଙ୍କ ସ୍ମୃତିପୀଠରେ ମାଲ୍ୟାର୍ପଣ କରିଥିଲେ। ସଂଗ୍ରହ ମାଟିକୁ ଅମୃତ ମହୋତ୍ସବ ଅବସରରେ ବିଭାଗୀୟ ଜିଲା କାର୍ଯ୍ୟାଳୟକୁ ପଠାଇ ଦିଆଯାଇଥିଲା। ଭୁବନ ଡାକ ସେବା ବିଭାଗର କର୍ମଚାରୀ ବାପିନା ମଲ୍ଲିକ, ସତ୍ୟ ନାରାୟଣ ଜେନା, ଗଗନ ଚରଣ ରାଉତ, ବିମଳ ରାଉତ, ରଞ୍ଜନ ରାଉତ, ଅନନ୍ତ ମଲିକ, ଆଶିଷ ସେଠୀ, ପ୍ରଦ୍ୟୁମ୍ନ ଦତ୍ତ, ଗୌରୀ ଗୁଡ୍ଡୁ, ମହେଶ୍ୱର ଦାସ, ପ୍ରିୟ ରଞ୍ଜନ ରାଉତଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବିଭିନ୍ନ କ୍ଲଷ୍ଟରରେ ଶିଶୁ ମହୋତ୍ସବ

ମାଧପୁର,୧।୧୦(ମନୋଜ ପ୍ରଧାନ)

ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ଅଞ୍ଚଳର ବିଭିନ୍ନ କ୍ଲଷ୍ଟରରେ ଶନିବାର ଶିଶୁ ମହୋତ୍ସବ ସୁରଭି ପାଳିତ ହୋଇଯାଇଛି। ମାଧପୁର, କନ୍ଧପଡ଼ା, ବାଜପୁର, କିଆକଟା, ନୀଳକଣ୍ଠପଡ଼ା, ଓଡୋସିଙ୍ଗା ନୋଡାଲ ସ୍କୁଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନାଚ, ଗୀତ, ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟୀ ହୋଇଥିବା ପ୍ରତିଯୋଗୀମାନଙ୍କୁ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବାର ସୁଯୋଗ ଦିଆଯିବ ବୋଲି ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଠି ସୁଚନା ଦେଇଛନ୍ତି।



ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

